**ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ**

**ବନାମ**

**ନିହାଲ୍ ସିଂହ**

**ସେପ୍ଟେମ୍ବର 18, 2002**

**[ଆର୍. ସି. ଲାହୋଟୀ ଏବଂ ବ୍ରିଜେଶ୍ କୁମାର୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ପଞ୍ଜାବ କାରାଗାର ନିୟମ ପୁସ୍ତିକା:*

*ଅନୁଚ୍ଛେଦ 576-A - ଦୋଷୀ ସାବ୍ୟସ୍ତ କଏଦୀମାନଙ୍କୁ 'A', 'B' ଏବଂ 'C' ଶ୍ରେଣୀରେ ବିଭକ୍ତ କରିବା - ଆବେଦନକାରୀ, ଯିଏକି ଜଣେ ଆଜୀବନ କଏଦୀ, 'B' ଶ୍ରେଣୀ କଏଦୀ ଭାବେ ବିଭାଗୀକୃତ ହେବା ପାଇଁ ଏବଂ ଫଳସ୍ୱରୂପ ମିଳୁଥିବା ସୁବିଧାଗୁଡ଼ିକୁ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାୟର କରିବା - ଉଚ୍ଚ ନ୍ୟାୟାଳୟ ଏହି ଶ୍ରେଣୀବିଭାଗକୁ* **କ୍ଷମତାତୀତ** *ବୋଲି ଘୋଷଣା କରିବା - ପଞ୍ଜାବ ଏବଂ ହରିୟାଣା ରାଜ୍ୟ ଏହି ରାୟକୁ କାରାଗାର କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଦେବା ଫଳରେ ଶ୍ରେଣୀବିଭାଗୀକୃତ କଏଦୀମାନଙ୍କୁ ଦିଆଯାଇଥିବା ସୁବିଧାଗୁଡ଼ିକୁ ପ୍ରତ୍ୟାହାର କରିନେବା - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ଅନୁଚ୍ଛେଦ 576-A ର କ୍ଷମତାତୀତ ପ୍ରଶ୍ନ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ନ ଉଠାଇ ଏବଂ ମହାଧିବକ୍ତାଙ୍କୁ ସୂଚନା ନ ଦେଇ, ଅନୁଚ୍ଛେଦ 576-A କୁ ଅବୈଧ କରିବାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅସନ୍ତୋଷଜନକ ଥିଲା ଏବଂ ବଜାୟ ରଖିବା ଯୋଗ୍ୟ ନଥିଲା - ନୂତନ ଭାବେ ନିର୍ଣ୍ଣୟ ନେବା ପାଇଁ ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ନଥିରେ ପୁନଃସ୍ଥାପିତ କରାଯାଇଛି– ସୂଚନା - କାର୍ଯ୍ୟପଦ୍ଧତି ଏବଂ ପ୍ରକ୍ରିୟା ।*

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 708/2001 ।

ଫୌଜଦାରୀ ବିବିଧ ସଂଖ୍ୟା 11136-M/1999 ରେ ପଞ୍ଜାବ ଏବଂ ହରିୟାଣା ନ୍ୟାୟାଳୟଙ୍କ 9.5.2000 ର ରାୟ ଏବଂ ଆଦେଶରୁ ଆବେଦନ ।

ସହିତ

ଫୌଜଦାରୀ ଆବେଦନ ସଂଖ୍ୟା 709-710/2001 ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ବଲୱନ୍ତ ସିଂହ ମଲିକ୍, ବିମଲ୍ ରୟ୍ ଜାଡ୍, ବି. କେ. ଖୁରାନା, ସୁଶ୍ରୀ ସୁନୀତା ପଣ୍ଡିତ୍, ଶ୍ରୀମତୀ ବନ୍ଦନା ସିଂହ, ଶ୍ରୀମତୀ ସନ୍ତୋଷ୍ ସିଂହ, ଋଷି ମଲହୋତ୍ରା, ପ୍ରେମ୍ ମଲହୋତ୍ରା, ଜୟ ପ୍ରକାଶ ଧଣ୍ଡା, ଶ୍ରୀମତୀ ରାଜ ରାଣୀ ଧଣ୍ଡା ଏବଂ ସୁନ୍ଦର ଖତ୍ରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଫୌଜଦାରୀ ଆବେଦନ ସଂଖ୍ୟା 708/2001।

ଉତ୍ତରଦାତା ନିହାଲ୍ ସିଂହ ଆଇପିସିର ଧାରା 302 ଅନୁଯାୟୀ ଜଣେ ଦୋଷୀ ଅଟନ୍ତି, ଯାହାଙ୍କୁ ସାମରିକ ନ୍ୟାୟାଳୟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ ତାଙ୍କୁ ସାଙ୍ଗରୁରୁ (ପଞ୍ଜାବ) ର ଦେୱାନୀ କାରାଗାରରେ ବନ୍ଦୀ କରି ରଖାଯାଇଥିଲା । ନିହାଲ୍ ସିଂହ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରି ପଞ୍ଜାବ କାରାଗାର ନିୟମ ପୁସ୍ତିକାର ଅନୁଚ୍ଛେଦ 576-A ଅନୁଯାୟୀ ଶ୍ରେଣୀ-B କଏଦୀ ଭାବରେ ବିଭାଗୀକୃତ ହେବାକୁ ଏବଂ ଏହିପରି କଏଦୀମାନଙ୍କୁ ଉପଲବ୍ଧ ହେଉଥିବା ସୁବିଧାଗୁଡ଼ିକର ମଞ୍ଜୁରୀ ପାଇବାକୁ ଅନୁରୋଧ କରିଥିଲେ । ପଞ୍ଜାବ କାରାଗାର ନିୟମ ପୁସ୍ତିକା ହେଉଛି ବୈଧାନିକ ବ୍ୟବସ୍ଥାସମୂହ, ନିୟମାବଳୀ ଏବଂ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶାବଳୀର ଏକ ସଂକଳନ, ଯାହା କାରାଗାର ଓ କଏଦୀମାନଙ୍କ ସମ୍ପର୍କରେ ଉଦ୍ଦିଷ୍ଟ, ଯାହାକୁ ସମୟ ସମୟରେ ଜାରି କରାଯାଏ ଏବଂ କାରାଗାର ପ୍ରଶାସନ ଏବଂ କାରାଗାର ଅଧିକାରୀମାନଙ୍କ ମାର୍ଗଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଥାଏ । ଅନୁଚ୍ଛେଦ 576-A ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ 3ଟି ଶ୍ରେଣୀ ଯଥା 'A', 'B' ଏବଂ 'C' ରେ ବିଭକ୍ତ କରିଥାଏ ଏବଂ ଶ୍ରେଣୀବିଭାଗ କରିବା ପାଇଁ ପ୍ରାସଙ୍ଗିକ କାରକଗୁଡ଼ିକୁ ସୂଚୀଭୁକ୍ତ କରିଥାଏ ଏବଂ ଶ୍ରେଣୀବିଭାଗ ଅନୁସାରେ କଏଦୀ କେଉଁ ଫାଇଦା ଓ ସୁବିଧା ପାଇବାକୁ ହକଦାର ହେବେ ତାହା କହିଥାଏ । ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ସମ୍ମୁଖରେ ଏହି ଆବେଦନକୁ ଶୁଣାଣି ପାଇଁ ଉପସ୍ଥାପନ କରାଯାଇଥିଲା, ଯାହାଙ୍କ ମତରେ କଏଦୀମାନଙ୍କୁ 'A', 'B' ଏବଂ 'C' ଶ୍ରେଣୀରେ ବିଭକ୍ତ କରିବା ସମ୍ବିଧାନର ଅନୁଚ୍ଛେଦ 14 ଏବଂ 15 (1) ର ଉଲ୍ଲଂଘନ ଥିଲା ଏବଂ ସେଥିପାଇଁ ଏପରି ଶ୍ରେଣୀବିଭାଗ ସମ୍ବିଧାନର *କ୍ଷମତାତୀତ* ଥିଲା । ଏପରି ଘୋଷଣା ପରେ ଉତ୍ତରଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ଖାରଜ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହା ଟିପ୍ପଣୀ କରିବା ପ୍ରସଙ୍ଗୋଚିତ ଯେ, ପଞ୍ଜାବ କାରାଗାର ନିୟମ ପୁସ୍ତିକାର 576-A ର କ୍ଷମତା ସମ୍ବନ୍ଧୀୟ ପ୍ରଶ୍ନ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କାହା ଦ୍ୱାରା ଉଠାଯାଇନଥିଲା । ଆକ୍ଷେପିତ ଆଦେଶରେ ସେହିପରି ନିଜର ମତ ରଖିବା ପୂର୍ବରୁ ଉଚ୍ଚ ନ୍ୟାୟାଳୟ ମଧ୍ୟ କୌଣସି ଇଙ୍ଗିତ ଦେଇନଥିଲେ ଯେ ଏହି ବ୍ୟବସ୍ଥାର ସାମ୍ବିଧାନିକ ବୈଧତା ଉପରେ ବିଚାର କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । କାହାକୁ ବି ସୂଚନା ଦିଆଯାଇ ନଥିଲା । ଏପରି ବୈଧତା ଉପରେ ବିଚାର କରିବା ନିମନ୍ତେ ପ୍ରାସଙ୍ଗିକ ତଥ୍ୟକୁ ନଥିକୁ ଆଣିବା ପାଇଁ କାହାକୁ ବି ସୁଯୋଗ ଦିଆଯାଇ ନଥିଲା । ରାଜ୍ୟର ମହାଧିବକ୍ତାଙ୍କୁ ସୂଚନା ଦିଆଯାଇ ନଥିଲା । ଅନୁଚ୍ଛେଦ 576-A କୁ ଅବୈଧ ଘୋଷଣା କରିବାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅସନ୍ତୋଷଜନକ ଥିଲା ଏବଂ ବଜାୟ ରଖିବା ଯୋଗ୍ୟ ନଥିଲା ।

ଉପରୋକ୍ତ ସଂକ୍ଷିପ୍ତ କାରଣ ପାଇଁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ନିଷ୍ପତ୍ତିର ଯୋଗ୍ୟତା କିମ୍ବା ଅନ୍ୟ କୌଣସି ବିଷୟରେ କୌଣସି ମତ ପ୍ରକାଶ ନକରି, ଆବେଦନ ଅଧୀନରେ ଥିବା ରାୟକୁ ବାତିଲ କରାଯାଉଛି । ଉତ୍ତରଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ନୂତନ ଭାବରେ ଏବଂ ଆଇନ ଅନୁଯାୟୀ ଶୁଣାଣି ଏବଂ ନିର୍ଣ୍ଣୟ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନଥିରେ ପୁନଃସ୍ଥାପିତ ହେବ ।

ଆବେଦନଟିର ଫଏସଲା କରାଯାଇଛି ।

ଫୌଜଦାରୀ ଆବେଦନ ସଂଖ୍ୟା 709-710/2001।

ହରିୟାଣା ରାଜ୍ୟର କାରାଗାରରେ ବନ୍ଦୀ ଥିବା କିଛି କଏଦୀମାନଙ୍କ ଦ୍ୱାରା ଏହି ଆବେଦନଗୁଡ଼ିକୁ ଦାୟର କରାଯାଇଛି, ଯେଉଁଥିରେ ନିହାଲ୍ ସିଂହ ମାମଲାରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ମେ 9, 2000 ର ରାୟ ଉପରେ ପ୍ରଶ୍ନ ଉଠାଯାଇଛି, ଯାହାକୁ ଫୌଜଦାରୀ ଆବେଦନ ସଂଖ୍ୟା 708/2001 ରେ ଉପୋରକ୍ତ ଆଦେଶ ଦ୍ୱାରା ଫଏସଲା ଏବଂ ବାତିଲ କରାଯାଇଛି । ବିଶେଷ ଅନୁମତି ଦ୍ୱାରା ଏହି ଦୁଇଟି ଆବେଦନ ଦାୟର କରିବାର ସୁଯୋଗ ସୃଷ୍ଟି ହୋଇଥିଲା କାରଣ ନିହାଲ୍ ସିଂହ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ରାଜ୍ୟ ସରକାରମାନଙ୍କ ଦ୍ୱାରା ଉଭୟ ପଞ୍ଜାବ ଏବଂ ହରିୟାଣା ରାଜ୍ୟର କାରାଗାର କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଦିଆଯାଇଥିଲା । ଉକ୍ତ ରାୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ହରିୟାଣା ରାଜ୍ୟର କାରାଗାର କର୍ତ୍ତୃପକ୍ଷମାନେ ପଞ୍ଜାବ କାରାଗାର

ନିୟମ ପୁସ୍ତିକାର, ଯାହାକୁ ହରିୟାଣା ରାଜ୍ୟର କାରାଗାରଗୁଡ଼ିକର ପ୍ରଶାସନ ପାଇଁ ମଧ୍ୟ ଗ୍ରହଣ କରାଯାଇଥିଲା, ଅନୁଚ୍ଛେଦ 576-A ଅନୁଯାୟୀ ଶ୍ରେଣୀବିଭାଗ ଆଧାରରେ କଏଦୀମାନଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକୁ ପ୍ରତ୍ୟାହାର କରିନେଇଥିଲେ । ଯେହେତୁ ନିହାଲ୍ ସିଂହ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରିଦିଆଯାଇଛି, ତେଣୁ ଏହି ଆବେଦନଗୁଡ଼ିକ ନିଷ୍ଫଳ ହୋଇଛି ଏବଂ ତଦନୁସାରେ ଏଗୁଡ଼ିକର ଫଏସଲା କରାଯାଇଛି ।

ଆର୍. ପି. ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।